# କେନ୍ଦୁଝର : ଜିଲ୍ଲାପାଳ ନୂଆ ବର୍ଷ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇଲେ





କେନ୍ଦୁଝର, ତା ୦୧.୦୧. ନୂଆବର୍ଷ ୨୦୧୯ଅବସରରେ ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇ ଜିଲ୍ଲାବାସୀଙ୍କର ସୁଖ ସମୃଦ୍ଧି କାମନା କରିଛନ୍ତି । ଏତଦ୍‌ବ୍ୟତୀତ ଜିଲ୍ଲାର ପ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି । ନୂଆବର୍ଷ ଉପଲକ୍ଷେ କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ଏବଂ ଓଡିଶା ରାଜସ୍ୱ ଅମଲା ସଂଘ, ଜିଲ୍ଲା ଶଖା ଆନୁକଲ୍ୟରେ ଦରବାର ହଲ୍‌ଠାରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନେ ନିଜର କର୍ତବ୍ୟ ପ୍ରତି ସଚେତନ ରହି ଜିଲ୍ଲାବାସୀଙ୍କୁ ସେବା ଯୋଗାଇଦେବା ପାଇଁ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ । ଜିଲ୍ଲାରେ ଯେତେ ଉନ୍ନୟନ ଓ ପ୍ରଗତିର ପ୍ରକ୍ରିୟା ଚାଲିଛି ତାହାର ସଫଳ ରୂପାୟନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରି ଜନସାଧାରଣଙ୍କର ଆସ୍ଥାଭାଜନ ହେବାକୁ କହିଥିଲେ । ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ ମଧ ନବବର୍ଷର ଶଭେଚ୍ଛା ଜଣାଇ ଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ସହିତ ଜନସାଧାରଣଙ୍କୁ ସେବା ଯୋଗାଇ ସେମାନଙ୍କ ମୁହଁରେ ହସ ଫୁଟାଇବା ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀ ନିଜର କର୍ତବ୍ୟ ପ୍ରତି ପ୍ରତିବଦ୍ଧତା ରଖିବାକୁ ଆହ୍ୱାନ ଜଣାଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜୀବ ବାରିକ ସମାରୋହର ସଂଚାଳନା କରିଥିଲେ । ରାଜସ୍ୱ ଅମଲା ସଂଘର ଜିଲ୍ଲା ସଭାପତି ତଥା କଲେକ୍ଟରେଟ୍ ଷ୍ଟାପ୍ କମିଟିର କାର୍ଯ୍ୟକାରୀ ସଭାପତି ଜୟଗୋବିନ୍ଦ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମାରୋହରେ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ମହମ୍ମଦ ଅଲ୍ଲୀଜିନ୍ନା, ରାଜ କିଶୋର ପଣ୍ଡା, ଅମରେଶ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଚାଳନାରେ ରାଜ୍ୟ ରାଜସ୍ୱ ଅମଲା ସଂଘର ରାଜ୍ୟ ଅଧକ୍ଷ ଦ୍ୱାରିକାପ୍ରସାଦ ରଥ,ତ୍ରିଲୋଚନ ବେହେରା, ସାଧାରଣ ସଂପାଦକ କୈଳାଶ ଚନ୍ଦ୍ର ମଲ୍ଲିକ୍, ଅଫିସ୍ ସୁପରିନ୍‌ଟେଣ୍ଡେଂଟ୍ ଯୋଗେଶ ବେହେରା, ରାଜ କିଶୋର ପଣ୍ଡା, ଚିତରଞ୍ଜନ ଦାସ, ସନ୍ତୋଷ କୁମାର ରଣା, ସମିତ୍ ରାଠୋର, ସଚିନ୍ ପଣ୍ଡା, ମହମ୍ମଦ ସାହାନ୍‌ୱାଜ୍, ମିନତି ସାହୁ, ବଚୁରାମ ଲାମା, ରଶ୍ମୀରଞ୍ଜନ ମହାନ୍ତି, ପିତବାସ ମହାନ୍ତ, ଶୁଭେନ୍ଦୁ ସାହୁଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ । ଏହି ଅବସରରେ ରାଜସ୍ୱ ଅମଲା ସଂଘ, କଲେକ୍ଟୋରେଟ୍ ଷ୍ଟାଫ୍ କମିଟିର ବାର୍ଷିକ କ୍ୟାଲେଣ୍ଡରକୁ ଜିଲ୍ଲାପାଳ ଉନ୍ମୋଚନ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର